# ପ୍ରଥମ ଶ୍ରେଣୀ

## ହସଖେଳ | ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ

### ପାଠ୍ୟପୁସ୍ତକ - ହସଖେଳ (ପ୍ରଥମ ଓ ଦ୍ୱିତୀୟ ଭାଗ)

### ଭାଷା

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
|---|---|---|---|
| | ପାଠ ୧: ଦେଖ/କହ, କଥୋପକଥନ, ପରିଚୟ ପ୍ରଦାନ, କଥୋପକଥନ (ନାମ, ରଙ୍ଗ, ଖେଳନା) ଗଳ୍ପ ଶୁଣିବେ । ଗୀତ ଶୁଣିବେ, ସାନବଡ଼, ଗାଁ ପରିବାର, ସାଙ୍ଗ ସାଥୀ ବିଷୟରେ କଥୋପକଥନ, ଦେଖ/ କହ/ ଚିତ୍ର ଅଧ୍ୟୟନ, ମୌଖିକ ଭାବ ପ୍ରକାଶ ।<br>ପାଠ-୨: ଚୁନା ଚୁନି (କଥୋପକଥନ, କବିତା ଆବୃତ୍ତି) (ଚ, ଟ ଅକ୍ଷର ଚିହ୍ନଟ, ପ୍ରାକ୍ ଲିଖନ) | • ପାଠ୍ୟ ପୁସ୍ତକରେ ଥିବା ଚିତ୍ର<br>• ଚ, ଟ ଅକ୍ଷର ଥାଇ ପଶୁ, ପକ୍ଷୀ, ଫୁଲ, ଫଳର ଚିତ୍ର ।<br>• କାର୍ଯ୍ୟ ଫର୍ଦ୍ଦ । | • ଚ ଓ ଟ ଅକ୍ଷରଗୁଡ଼ିକୁ ବିଭିନ୍ନ ଖବରକାଗଜ, ମାଗାଜିନରୁ ସଂଗ୍ରହ କରିବେ । |
| ଜୁନ୍ -୧୮ | ପାଠ -୩ : ଛେଳି ଡରେ ପାଣିକି (କବିତା ଆବୃତ୍ତି) (ମ, ଝ, ର, ଗ ଅକ୍ଷର ଚିହ୍ନିବେ ଓ ପ୍ରାକ୍ ଲିଖନ) | • ମ, ଝ, ର, ଗ, ଅକ୍ଷରର ଚିତ୍ର ଥାଇ ଶବ୍ଦ କାର୍ଡ଼<br>- କାର୍ଯ୍ୟ ଫର୍ଦ୍ଦ | • ମ, ଝ, ର, ଗ ଅକ୍ଷରକୁ ବିଭିନ୍ନ ପୁସ୍ତକରୁ ସଂଗ୍ରହ କରିବେ । |
| ଜୁଲାଇ -୨୪ | ପାଠ -୪: ବାଉଁଶ ରାଣୀ<br>(କ, ପ, ନ ଅକ୍ଷର ଚିହ୍ନିବେ ଓ ଲେଖିବେ)<br>ପାଠ-୫ : ଠୋ ଠା, (କବିତା ଆବୃତ୍ତି) (ଳ, ଲ, ବ, ଠ, ଆ ଅକ୍ଷର ଚିହ୍ନିବେ)<br>ଠୋ, ଠା, କହିଲ ଦେଖି -କଥୋପକଥନ, ଅ ('ଆ'କାର ଚିହ୍ନିବେ)<br>ପାଠ- ୬ : କହିଲ ଦେଖି -<br>(ଅ, ଖ, ନ, ବ, ର ଲେଖିବେ)<br>ପାଠ - ୭ : ମୁନି ଯାଇଥିଲା ହାଟକୁ<br>( ଗ, ଛ, ଣ, ତ,ବ ଅକ୍ଷର ଚିହ୍ନିବେ ।)<br>ଅ, ଆ, କ, ମ, 'ଆ'କାର (।) ଲେଖିବେ। | • କ, ପ, ନ ଅକ୍ଷରରେ ଚିତ୍ର , ମଡ଼େଲ ।<br>- ଅକ୍ଷର କାର୍ଡ଼, ଶବ୍ଦ କାର୍ଡ଼ ।<br>• ଖ,ନ, ବ, ର, ଅ, ଆ, ଲ, ଠ, ଉ, ଛ, ଣ ଇତ୍ୟାଦି ଅକ୍ଷର ଥାଇ ଚିତ୍ର ପଦାର୍ଥ ଇତ୍ୟାଦି ।<br>• ପାଠ ଅନୁସାରେ ଅକ୍ଷର କାର୍ଡ଼, ଶବ୍ଦ କାର୍ଡ଼ ବ୍ୟବହାର କରିବେ ।<br>• ଏହି ଅକ୍ଷର ଥିବା ବସ୍ତୁ ଗୁଡ଼ିକୁ ଚିହ୍ନଟ କରିବେ ।<br>• ପାଠ ଅନୁଯାୟୀ କାର୍ଯ୍ୟ ଫର୍ଦ୍ଦ । | • କ,ପ,ନ ଅକ୍ଷରଗୁଡ଼ିକ ସଂଗ୍ରହ କରିବେ।<br>• କାଗଜରେ ଅଠାଦେଇ କ, ଚ, ଳ, ଅ, ମ, ଖ, ନ, ର, ଆ, ଟ ଇତ୍ୟାଦିକୁ ଇଟା ଗୁଣ୍ଡ ଦେଇ ଅକ୍ଷରଗୁଡ଼ିକର ଆକୃତି କରିବେ । |
| ଅଗଷ୍ଟ-୨୫ | ପାଠ -୮: ରାଜାଙ୍କ ଭୋଜି (ଜ, ତ, ଡ, ଧ ଅକ୍ଷର ଚିହ୍ନିବେ । ଟ, ଳ, ଲ ଲେଖିବେ)<br>ପାଠ-୯ : ସପନି ଅଜାଙ୍କ ସପନ ଦେଖା (ଶ, ଷ, ସ, ହ ଅକ୍ଷର ପଢ଼ିବେ । ଛ, ଣ, ତ, ଢ, ଳ, ଲ, ଝ ଲେଖିବେ)<br>ପାଠ-୧୦ : ଉଇ (ଇ, ଉ, ଖ, ଘ, ଚହ୍ନିବେ, ଡ଼, ଢ଼, ଜ, ଧ ଲେଖିବେ)<br>ପାଠ-୧୧ : ଜିଚ୍ଚିରି ମିଚ୍ଚିରି (ସରଳ କବିତା ପଢ଼ିବେ, 'ଇ' କାର ପଢ଼ିବେ ଓ ଲେଖିବେ) | • ଶବ୍ଦ କାର୍ଡ଼, ବିଭିନ୍ନ ଋତୁର ଦୃଶ୍ୟ ଚିତ୍ର<br>• ଚିତ୍ର କାର୍ଡ଼<br>• ଗଳ୍ପ ଲେଖାଥିବା ଡ୍ରଇଁ ସିଟ<br>• କାର୍ଯ୍ୟ ଫର୍ଦ୍ଦ<br>• ଅକ୍ଷର କାର୍ଡ଼<br>• ଶବ୍ଦ କାର୍ଡ଼ ଗୁଚ୍ଛ | • ଅକ୍ଷର ସଂଗ୍ରହ କରି ସଜାଇବେ ।<br>• ଉଇର ଚିତ୍ର କରିବେ ।<br>• 'ଇ', କାର ଲାଗିଥିବା ପଶୁ ପକ୍ଷୀଙ୍କ ନାମ କହିବେ । |

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
| --- | --- | --- | --- |
| ସେପ୍ଟେମ୍ବର-୨୨ | ପାଠ- ୧୨ : ଦୀପାବଳି (ସରଳ କବିତା ଆବୃତ୍ତି କରିବେ, (।) ଆକାର ପଢ଼ିବେ ଓ ଲେଖିବେ ।)<br>ପାଠ-୧୩ : ଚତୁର କୁକୁଡ଼ା ('ଉ' କାର, ଭ, ଯ, ୟ ଅକ୍ଷର ଚିହ୍ନିବେ, ସରଳ ବାକ୍ୟ ଗଠନ କରିବେ ।) ବର୍ଣ୍ଣମାଳାରୁ ଅକ୍ଷର ଗୁଡ଼ିକର କ୍ରମ ଅନୁସାରେ ଲେଖିବେ ।<br>ପାଠ-୧୪ : ମନ ବଦଳିଲା (ଶ, ଥ, ଫ ପଢ଼ିବେ ଓ ଲେଖିବେ । 'ଇ' କାର ଶିଖିବେ)<br>ପାଠ-୧୫ : ଶଙ୍ଖୀ ବିଲେଇର ଶଙ୍ଖା ('ଙ୍ଖ', 'ଙ୍ଖ' ପଢ଼ିବେ ଓ ଲେଖିବେ) | • ଅକ୍ଷର କାର୍ଡ଼<br>• ଶବ୍ଦ କାର୍ଡଗୁଚ୍ଛ<br>• ଦୀପାବଳିର ଦୃଶ୍ୟ ଚିତ୍ର<br>• ପାଠରେଥିବା ଚିତ୍ର<br>• କାର୍ଯ୍ୟ ଫର୍ଦ୍ଦ<br>• ପ୍ରସଙ୍ଗ ସମ୍ପର୍କିତ କାର୍ଯ୍ୟଫର୍ଦ୍ଦ<br>• ଙ୍କ, ଙ୍ଖ ର ବିଭିନ୍ନ ଶବ୍ଦ କାର୍ଡ଼<br>• ପାଠରୁ ଚିତ୍ର କାର୍ଡ଼ | • ଫୁଲ, ଜରି ଆଦିରେ ମାଳ କରିବେ ।<br>• 'ଦୀପାବଳି' ଭଳି ଘରେ ପାଳନ କରାଯାଉଥିବା ପର୍ବପର୍ବାଣିର ନାମ କହିବେ ।<br>• ନିଜ ବାଡ଼ିରେ ଥିବା ପରିବା ର ତାଲିକା କରିବେ । |
| ଅକ୍ଟୋବର-୧୫ | ପାଠ-୧୬: ନଈ ବଢ଼ି ('ଈ' ପଢ଼ିବେ ଓ ଲେଖିବେ) ବହିରେ ଥିବା ଛବି ଦେଖିବେ ଓ କ'ଣ କ'ଣ ଦେଖିଲେ କହିବେ ।<br>ପାଠ-୧୭: ନେଉଳର ଘର ତୋଳା (ଏ, ଏ କାର ପଢ଼ିବେ ଓ ଲେଖିବେ)<br>ପାଠ -୧୮: ବରଷା<br>( ଓ, ଓ କାର ପଢ଼ିବେ ଓ ଲେଖିବେ) | • ନଦୀବଢ଼ିର ଦୃଶ୍ୟ ଚିତ୍ର,<br>• ବହିରେଥିବା ଚିତ୍ର - (ପୃଷ୍ଠା - ୧୧୨)<br>• ପ୍ରସଙ୍ଗ ସମ୍ପର୍କିତ କାର୍ଯ୍ୟଫର୍ଦ୍ଦ<br>• 'ଓ' ଅକ୍ଷର ଓ ମାତ୍ରା ଥାଇ ଶବ୍ଦ କାର୍ଡ଼<br>• ବେଙ୍ଗ, ବିଲୁଆ, କାଉର ଚିତ୍ର | • ନେଉଳର ଚିତ୍ର କରିବେ । |
| ନଭେମ୍ବର-୨୧ | ପାଠ -୧୯: ହନୁର କଦଳୀ ଖିଆ (ଙ, ଘ ପଢ଼ିବେ, ଲେଖିବେ ।) ଡେଙ୍ଗା ଗେଡ଼ା ଦର୍ଶାଇବେ। ଈ କା'ର (ୀ) ଚିହ୍ନିବେ ଓ ବିଭିନ୍ନ ଶବ୍ଦ ଲେଖିବେ ।<br>ପାଠ -୨୦: ମୂଷିକ ରାଜା ('ଊ'କାରର ବ୍ୟବହାର, ସରଳ ଶବ୍ଦ ଓ ବାକ୍ୟ ଗଠନ କରି ଶିଖିବେ ।)<br>ପାଠ -୨୧: ଫଳା ଫଳା ପୃଥିବୀ ଫାଟିଲା (ର, ର ପଢ଼ିବେ (ୃ)କାର ଉଚ୍ଚାରଣ କରିବେ ।)<br>ପାଠ- ୨୨: କ୍ରିକେଟ ଉଡ଼ିଗଲା (୍ର) ର ଫଳା, ହଳନ୍ତ (୍) ଜାଣିବେ। ମନରୁ ଏହି ଫଳା ବ୍ୟବହାର ଥାଇ କିଛି ଶବ୍ଦ କହିବେ । | • ହନୁ ଓ ହାତୀର ଚିତ୍ର, କଦଳୀ କାନ୍ଦୀର ଚିତ୍ର ଓ କଦଳୀ ବଗିଚାର ଚିତ୍ର<br>• କାର୍ଯ୍ୟଫର୍ଦ୍ଦ<br>• ବହିରେ ଥିବା ଚିତ୍ର<br>• ଶବ୍ଦ କାର୍ଡ଼<br>• କ୍ରିକେଟ୍ ସାମଗ୍ରୀ<br>• କାର୍ଯ୍ୟ ଫର୍ଦ୍ଦ | • ମାଟିରେ ଗୋଟିଏ କଦଳୀ ଓ ମୂଷାର ମଡ଼େଲ କରିବେ ।<br>• ହାତୀର ଚିତ୍ର କରିବେ ।<br>• ଗାଁ'ରେ ଥିବା ପୋଷା ପଶୁ ପକ୍ଷୀର ତାଲିକା କରିବେ ।<br>• ବିଭିନ୍ନ ଖେଳର ତାଲିକା କରିବେ । |
| ଡିସେମ୍ବର-୧୯ | ପାଠ-୨୩ : କାଞ୍ଚନର ପାଞ୍ଚ କଥା<br>(ଞ, ଞ ପଢ଼ିବେ ଓ ଲେଖିବେ ।)<br>ପାଠ-୨୪ : ଏଡ଼େ ଏଡ଼େ ବଡ଼<br>(ଚନ୍ଦ୍ରବିନ୍ଦୁ, ଅନୁସାର, ଐ ପଢ଼ିବେ, ଚନ୍ଦ୍ରବିନ୍ଦୁ, ଅନୁସାର ଲେଖିବେ) | • ବହିରେଥିବା ଚିତ୍ର<br>• ଶବ୍ଦ କାର୍ଡ଼<br>• ଗୀତ ଓ ଗଳ୍ପ ଚାର୍ଟ<br>• ଅଙ୍କୁର, ଏଣ୍ଡୁରୀ ପିଠା, ବେଙ୍ଗ ଓ ଏଣ୍ଡୁଅ ଚିତ୍ର | • ପକ୍ଷୀମାନଙ୍କର ଅଣ୍ଡାର ଚିତ୍ର ସଂଗ୍ରହ କରି ଖାତାରେ ସଜାଇବେ ।<br>• ମଣିଷର ଚିତ୍ର ସଂଗ୍ରହ କରି ଦାନ୍ତ ଓ ଆଣ୍ଠୁରେ ରଙ୍ଗ ଦେବେ । |
| ଜାନୁଆରୀ-୨୧ | ପାଠ-୨୫ : ଖଞ୍ଜଣି ବାଜାର ମଜା<br>(ଞ୍ଜ, ଞ୍ଚ ଅକ୍ଷର ଚିହ୍ନିବେ, ପଢ଼ିବେ, ଲେଖିବେ, ଶବ୍ଦ ଗଠନ ଓ ବାକ୍ୟ ଗଠନ କରି କହିବେ ଓ ଲେଖିବେ ।)<br>ପାଠ-୨୬ : ତଣ୍ଟିରେ ଲାଗିଛି କଣ୍ଟା (ଣ, ଣ୍ଟ, ଜାଣିବେ ଓ ଞ୍ଜ, ଞ୍ଚ, ଣ୍ଡ, ଣ୍ଟ ଥିବା ଶବ୍ଦ ପଢ଼ିବେ । )<br>ପାଠ-୨୭: ଝିଅ ହେବ ତ ଏମିତି (ୈ କାର, ଃ ଜାଣିବେ, ପଢ଼ିବେ, ଲେଖିବେ ।) | • ଖଞ୍ଜଣିର ଚିତ୍ର ଅଥବା ମଡ଼େଲ<br>• ବହିର ଚିତ୍ର<br>• ଶବ୍ଦ କାର୍ଡ଼ ଗୁଚ୍ଛ<br>• ବହିରେଥିବା ଚିତ୍ର<br>• ପ୍ରସଙ୍ଗ ସମ୍ପର୍କିତ କାର୍ଯ୍ୟଫର୍ଦ୍ଦ | • ଖଞ୍ଜଣି ପରି ଅନ୍ୟକେତେକ ପାରମ୍ପରିକ ବାଦ୍ୟଯନ୍ତ୍ରର ନାମ କହିବେ ଓ ତାଲିକା ପ୍ରସ୍ତୁତ କରିବେ । |
| ଫେବୃୟାରୀ-୨୨ | ପାଠ-୨୮: ରତ୍ନାକରର ଜନ୍ମଦିନ<br>(ଦ୍ଧ, ନ୍ଧ, ଣ୍ଡ, କ୍ଷ, ନ ଫଳା, ମ ଫଳା ପଢ଼ିବେ ଓ ଲେଖିବେ) | • ଜନ୍ମଦିନ ପାଳନର ଚିତ୍ର<br>• କାର୍ଯ୍ୟ ଫର୍ଦ୍ଦ | |
| ମାର୍ଚ୍ଚ | ପୁନରାଲୋଚନା ଓ ବାର୍ଷିକ ପରୀକ୍ଷା । | | |

# ପ୍ରଥମ ଶ୍ରେଣୀ

## ଗଣିତ

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
|---|---|---|---|
| | ପ୍ରାକ୍ ଗଣନ ଧାରଣା, ସାନ, ବଡ଼, ବେଶୀ, କମ୍‌କୁ ନେଇ କଥୋପକଥନ, ମୋଟା ପତଳା, ଡେଙ୍ଗା, ଗେଡ଼ା, ଅଧା, ପୂରା | ● ସାନ, ବଡ଼, ଡେଙ୍ଗା, ଗେଡ଼ା ଓ ମୋଟା, ପତଳା, ଅଧା ଓ ପୂର୍ଣ୍ଣ ସୂଚକ ଚିତ୍ର ବା ବସ୍ତୁର ଚିତ୍ର<br>● କାର୍ଯ୍ୟ ଫର୍ଦ୍ଦ | ● ବଡ଼ ସାନ ଗୋଡ଼ି ସଂଗ୍ରହ କରିବେ । ବଡ଼ ସାନ କାଠି ସଂଗ୍ରହ କରିବେ ଓ ପିଚ୍ ବୋର୍ଡ଼ରେ ଅଠା ଲଗାଇବେ । |
| | | | |
| ଜୁନ୍ – ୧୮ | ପ୍ରାକ୍ ଗଣନ ଧାରଣା– ଦୂର ନିକଟକୁ ନେଇ କଥୋପକଥନ, ପ୍ରାକ୍ ଗଣନ ୧ରୁ ୯ ଗଣନ (ପ୍ରାକ୍ ଲିଖନ) | ● ସଂଖ୍ୟା କାର୍ଡ଼, ସଂଖ୍ୟା ଚିତ୍ର କାର୍ଡ଼, ସଂଖ୍ୟା ପିଡା, କାଠି, ଗୁଳି ଇତ୍ୟାଦି ।<br>● କାର୍ଯ୍ୟ ଫର୍ଦ୍ଦ । | ● ନିର୍ଦ୍ଦିଷ୍ଟ ସଂଖ୍ୟକ ପତ୍ର, ଫୁଲ ଓ ଗୋଡ଼ି ଦୈନିକ ସଂଗ୍ରହ କରିବେ । |
| ଜୁଲାଇ –୨୪ | ୦ ରୁ ୫ ଗଣିବେ ଓ ଲେଖିବେ ।<br>୧ ରୁ ୯ ପର୍ଯ୍ୟନ୍ତ ଗଣନ ।<br>୧ ରୁ ୨୦ ପର୍ଯ୍ୟନ୍ତ ଗଣନ ।<br>ସମାନ ଓ ଅସମାନର ଧାରଣା, ୬ ରୁ ୯ ପର୍ଯ୍ୟନ୍ତ ଲିଖନ ଓ ସଂଖ୍ୟା ତୁଳନା ।<br>୧ ରୁ ୯ ଓ ୯ରୁ ୧ କ୍ରମିକ ଲିଖନ । | ● ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ସୂଚକ କାର୍ଡ଼ ।<br>● ଏହି ସଂଖ୍ୟାକୁ ସୂଚାଉଥିବା ଚିତ୍ର ଚାର୍ଟ ।<br>● ସଂଖ୍ୟା କାର୍ଡ଼ ।<br>● କାଠି, ଗୁଳି ଇତ୍ୟାଦି ।<br>● କାର୍ଯ୍ୟ ଫର୍ଦ୍ଦ ।<br>● କ୍ରମିକ ସଂଖ୍ୟା କାର୍ଡ଼, ସଂଖ୍ୟା କାର୍ଡ଼ । | ● ଘରେ ବ୍ୟବହାର ହେଉଥିବା ଜିନିଷପତ୍ରକୁ ଗଣି ଲେଖିବେ । |
| ଅଗଷ୍ଟ–୨୫ | ଦୁଇଟି ସଂଖ୍ୟାର ଯୋଗ (ଯୋଗଫଳ ୯ ମଧ୍ୟରେ) ସମାନ ସମାନ ସଂଖ୍ୟାରେ ତୁଳନା ପର୍ଯ୍ୟନ୍ତ ଗଣନା କରିବେ ଓ ଲେଖିବେ । '୦' ର ଧାରଣା ପାଇବେ । '+' '='ର ବ୍ୟବହାର ଜାଣିବେ । ୧ ରୁ ୯ ପର୍ଯ୍ୟନ୍ତ ଊର୍ଦ୍ଧ୍ୱକ୍ରମ ଓ ଅଧଃକ୍ରମରେ ଲେଖିବେ । | ● ସଂଖ୍ୟାର ତୁଳନା କାର୍ଡ଼ ( ସମାନ ସମାନ ସଂଖ୍ୟା)<br>● ସଂଖ୍ୟା ଶିଡ଼ି<br>● କାର୍ଯ୍ୟ ଫର୍ଦ୍ଦ<br>● ସଂଖ୍ୟା କାର୍ଡ଼, ସଂଖ୍ୟା ଶିଡ଼ି, ସଂଖ୍ୟା ମାଥିସ । | ● ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବେ ।<br>● ମାଟିଗୁଳିରେ ୧୦ ଟିକିଆ ମାଳ କରିବେ । |
| ସେପ୍ଟେମ୍ବର–୨୨ | ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବେ ।<br>୨୦ ମଧ୍ୟରେ ଗଣନ, କମ୍ ବେଶୀ, ସାନବଡ଼ ଧାରଣା ଓ ୯ ମଧ୍ୟରେ ଯୋଗ ।<br>୧୧ ରୁ ୨୦ ପର୍ଯ୍ୟନ୍ତ ଗଣନ ଓ ଲିଖନ । | ● ଊର୍ଦ୍ଧ୍ୱକ୍ରମ ଓ ଅଧଃକ୍ରମ ( ୧ ରୁ ୨୦ ମଧ୍ୟରେ) ସଂଖ୍ୟା ଚାର୍ଟ, ମାଥିସ୍ ।<br>● କାଠି, ଗୁଳି, ମଞ୍ଜି ଓ ବିଭିନ୍ନ ପ୍ରକାର ଚିତ୍ର ।<br>● କାର୍ଯ୍ୟ ଫର୍ଦ୍ଦ ।<br>● କାଠିବିଡ଼ା, ଆବାକସ ଯନ୍ତ୍ର, ସଂଖ୍ୟା ଡାଇସ । | ●   ଖାଲିସ୍ଥାନ ପୂରଣ କରିବେ ।<br>● ଦଶଟିକିଆ କାଠିବିଡ଼ା କରିବେ । |
| ଅକ୍ଟୋବର–୧୫ | ସ୍ଥାନୀୟମାନ ଓ ୯ ମଧ୍ୟରେ ଯୋଗ, ୧୮ ମଧ୍ୟରେ ଯୋଗ । | ● ପାଠରେ ଥିବା ଚିତ୍ର, ସ୍ଥାନୀୟମାନ ସାରଣୀ<br>● ଅବାକସ<br>● କାର୍ଯ୍ୟ ଫର୍ଦ୍ଦ, ସଂଖ୍ୟାଯୋଗ ମାଥିସ୍ । | ● ସ୍ଥାନୀୟମାନ ସାରଣୀ ଆବାକସ୍‌ଟି ତିଆରି କର । |
| ନଭେମ୍ବର–୨୧ | '୦'ର ଧାରଣା, ୧ର କ୍ରମିକ ବିୟୋଗ । ୨୦ ମଧ୍ୟରେ ଯୋଗ ଓ ବିୟୋଗ, ମୁଦ୍ରା ପରିଚୟ, ପୂର୍ବ ପାଠର ପୁନରାଲୋଚନା । | ● ବିଭିନ୍ନ ମୁଦ୍ରା ଓ ନୋଟ୍ ।<br>● ମାଥିସ୍ । | ● ବିଭିନ୍ନ ମୂଲ୍ୟର ମୁଦ୍ରା ଓ ନୋଟର ଚିତ୍ର ସଂଗ୍ରହ କରିବେ । |
| ଡିସେମ୍ବର–୧୯ | ୧୮ ପର୍ଯ୍ୟନ୍ତ ଯୋଗ । ପୂର୍ବବର୍ତ୍ତୀ, ପରବର୍ତ୍ତୀ, ମଧ୍ୟବର୍ତ୍ତୀ ସଂଖ୍ୟାର ଧାରଣା । ଅଣମାନକ ଏକକର ମାପ । ଏକ ଅଙ୍କବିଶିଷ୍ଟ ସଂଖ୍ୟା ଦ୍ୱୟର ଯୋଗ । ୧୮ ମଧ୍ୟରେ ଯୋଗ । | ● ସଂଖ୍ୟା ଚେକ୍ ।<br>● କାର୍ଯ୍ୟ ଫର୍ଦ୍ଦ ।<br>● ସଂଖ୍ୟା କାର୍ଡ଼ ।<br>● କାଠି, ଗୁଳି । | ● ଘର ବାରଣ୍ଡା, ରୁମ ବହି, ଖାତାକୁ ହାତରେ ମାପି ଲେଖିବେ । |

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
|---|---|---|---|
| ଜାନୁଆରୀ-୨୧ | ଏକ, ଦଶ ସମ୍ବନ୍ଧରେ ଧାରଣା । ୧୮ ମଧ୍ୟରେ ବିୟୋଗ । ୧୦୦ ମଧ୍ୟରେ ଗଣନ ଓ ଲିଖନ । କ୍ରମ ସମ୍ବନ୍ଧରେ ଧାରଣା । | ● ମାଥ୍‌ସ । ● କାର୍ଯ୍ୟ ଫର୍ଦ୍ଦ । ● ୧ ରୁ ୧୦୦ ମଧ୍ୟରେ ସଂଖ୍ୟା ଚାର୍ଟ । | |
| ଫେବୃୟାରୀ-୨୨ | ପୂର୍ବପାଠର ଆଲୋଚନା । ସଂଖ୍ୟାଗ ତୁଳନା, ସବୁଠୁ ବଡ଼, ସବୁଠୁ ସାନ, ଚିତ୍ର ଗଣି ଲେଖିବେ । ସପ୍ତାହର ଦିନଗୁଡ଼ିକୁ ଜାଣିବେ, ଯୋଗ ମେଳ କରିବେ । ୨୦ ମଧ୍ୟରେ ଯୋଗ ବିୟୋଗ ସମ୍ବନ୍ଧୀୟ ବିବିଧ ପ୍ରଶ୍ନ । | ● ସଂଖ୍ୟା କାର୍ଡ଼ । ● ସଂଖ୍ୟା ଫିତା । ● କାର୍ଯ୍ୟଫର୍ଦ୍ଦ | ● ସପ୍ତାହରେ ଦିନଗୁଡ଼ିକର ନାମ ଲେଖି ଏକ ସାରଣୀ ପ୍ରସ୍ତୁତ କରିବେ । |
| ମାର୍ଚ୍ଚ | ପୁନରାଲୋଚନା ଓ ବାର୍ଷିକ ପରୀକ୍ଷା । | | |

## ପ୍ରଥମ ଶ୍ରେଣୀ

### ପରିବେଶ

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
|---|---|---|---|
| [illegible] | କଥୋପକଥନ, ଅଭିନୟ, ଅଙ୍ଗଭଙ୍ଗୀ, ପାହାଡ଼, ପର୍ବତ, ନଈନାଳ, ଗାଁ'ର ବର୍ଣ୍ଣନାକୁ ନେଇ କଥୋପକଥନ, ପରିବେଶ, ପରିବାରର ଧାରଣା । | - ପ୍ରକୃତିର ଚିତ୍ର । - ପଶୁ / ପକ୍ଷୀ ଚାର୍ଟ, ବିଭିନ୍ନ ରଙ୍ଗୀନ ଫୁଲ ଓ ଫଳ । - ଘରେ ବ୍ୟବହୃତ ଜିନିଷର ଚିତ୍ର । | ● ବିଭିନ୍ନ ପଶୁ, ପକ୍ଷୀ ଓ ଫୁଲର ଚିତ୍ର ସଂଗ୍ରହ କରିବେ । |
| [illegible] | [illegible] | | |
| ଜୁନ୍-୧୮ | ଘରେ ବ୍ୟବହୃତ ସାମଗ୍ରୀ ଚିହ୍ନିବେ, ପାହାଡ଼, ନଈ, ଝରଣା ଇତ୍ୟାଦି ସହ ପରିଚିତ ହେବେ, ରଙ୍ଗ ଚିହ୍ନିବେ । | - ଆସବାବପତ୍ରର ଛବି । ପାହାଡ଼, ନଈ, ଝରଣା ଇତ୍ୟାଦିର ଛବି, ବିଭିନ୍ନ ରଙ୍ଗର ଫୁଲ । - କାର୍ଯ୍ୟ ଫର୍ଦ୍ଦ । | ● ବିଭିନ୍ନ ରଙ୍ଗର ଫୁଲ ସଂଗ୍ରହ କରି ଖାତାରେ ଲଗାଇବେ । |
| ଜୁଲାଇ-୨୪ | ଜଳଚର ଜୀବ ଜାଣିବେ, ବାହ୍ୟଅଙ୍ଗଗୁଡ଼ିକୁ ଚିହ୍ନିବେ ।(ମଣିଷ, ପଶୁ, ପକ୍ଷୀ) ହାତର କାର୍ଯ୍ୟ, ଜୀବମାନଙ୍କର ଗତି, ପରିବାର ସଦସ୍ୟ ଓ ସେମାନଙ୍କ ମଧ୍ୟରେ ସଂପର୍କ । ପରିବାର ସଦସ୍ୟଙ୍କ କାର୍ଯ୍ୟ । | - ମାଛର ଚିତ୍ର । - ମନୁଷ୍ୟର ଚିତ୍ର/ମଡ଼େଲ । - ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚିତ୍ର, ପରିବାରର ଚିତ୍ର । - କାର୍ଯ୍ୟ ଫର୍ଦ୍ଦ । | ● ମାଟିରେ ମାଛଟିଏ ତିଆରି କରିବେ । ● ପରିବାରରେ ସବୁଠାରୁ ପ୍ରିୟଲୋକ ସଂପର୍କରେ କହିବେ । |
| ଅଗଷ୍ଟ-୨୫ | ହାଟ ବିଷୟରେ ଜାଣିବେ । ଗୁରୁଜନମାନଙ୍କୁ ସମ୍ମାନ କରିବା ଜାଣିବେ । ବଣର ଜୀବଜନ୍ତୁକୁ ଚିହ୍ନିବେ । ବିଭିନ୍ନ ଋତୁ ଓ ବିଭିନ୍ନ ଋତୁ ଅନୁସାରେ ପୋଷାକ ସମ୍ବନ୍ଧରେ ଜାଣିବେ । ପଶୁପକ୍ଷୀ ଚିହ୍ନିବେ ଓ ସେମାନଙ୍କର ସ୍ୱର ଜାଣିବେ । ବିଭିନ୍ନ ପ୍ରକାର ଉଦ୍ଭିଦ ଚିହ୍ନିବେ । ବିଭିନ୍ନ ପନିପରିବା ଜାଣିବେ । | - ହାଟର ଚିତ୍ର । - ଗୃହପାଳିତ ଜୀବଜନ୍ତୁ ଓ ବଣରେ ରହୁଥିବା ଜୀବ ଜନ୍ତୁଙ୍କ ଚିତ୍ର, କାର୍ଯ୍ୟ ଫର୍ଦ୍ଦ । - କୀଟ/ପତଙ୍ଗର ଚିତ୍ର, ବିଭିନ୍ନ ପଶୁପକ୍ଷୀଙ୍କର ଚିତ୍ର । - ବିଭିନ୍ନ ଋତୁର ଚିତ୍ର, ପନିପରିବାର ଚିତ୍ର । - ବିଭିନ୍ନ ପ୍ରକାର ଉଦ୍ଭିଦର ଚିତ୍ର । | ● ବଣ୍ୟ ପଶୁମାନଙ୍କର ଚିତ୍ର ସଂଗ୍ରହ କରିବେ । ● ଋତୁ ଅନୁସାରେ ବ୍ୟବହୃତ ବସ୍ତ୍ରର ଚିତ୍ର ସଂଗ୍ରହ କରି ସାଇତି ରଖିବେ । |
| ସେପ୍ଟେମ୍ବର-୨୨ | ପର୍ବପର୍ବାଣି ବିଷୟରେ ଜାଣିବେ । ପରିଷ୍କାର ପରିଚ୍ଛନ୍ନତା, ସାଇତି ରଖିବା, ସଜାଡ଼ି ରଖିବା, ଡାକଘର ବିଷୟରେ ଜାଣିବେ । ବିଦ୍ୟାଳୟ, ମନ୍ଦିର, ପାଖ, ଦୂର ସମ୍ବନ୍ଧରେ ଜାଣିବେ । | - ଆଞ୍ଚଳିକ ପର୍ବପର୍ବାଣିର ଚିତ୍ର । - ଉଦ୍ଭିଦ କାର୍ଡ଼ । -କାର୍ଯ୍ୟ ଫର୍ଦ୍ଦ । - ସଫା ଓ ମଇଳା ଜିନିଷର ଚିତ୍ର । -କାର୍ଯ୍ୟ ଫର୍ଦ୍ଦ । - ଡାକଘର, ବିଦ୍ୟାଳୟର ଚିତ୍ର । - ମନ୍ଦିର, ପାହାଡ଼, ପୋଖରୀର ଚିତ୍ର । | ● ଡାକଟିକଟ ସଂଗ୍ରହ କରି ଖାତାରେ ଅଠା ଲଗାଇ ଆଲବମ୍ ତିଆରି କରିବେ । |
| ଅକ୍ଟୋବର - ୧୫ | ବାହ୍ୟଅଙ୍ଗ ବିଷୟରେ ଜାଣିବେ (କାନ, ନାକ, ଆଖି ଇତ୍ୟାଦି) । ବର୍ଷା ଋତୁ ଓ ଶୀତ ଋତୁରେ ବ୍ୟବହୃତ ପୋଷାକ ବିଷୟରେ ଜାଣିବେ । | - ମୁଣ୍ଡର ବିଭିନ୍ନ ଅଂଶର ମଡ଼େଲ । - ହାତ, ଗୋଡ଼, ନାକ ଆଦିର ଚିତ୍ର, କାର୍ଯ୍ୟଫର୍ଦ୍ଦ । - ଋତୁକାଳୀନ ପୋଷାକର ଚିତ୍ର । | ● ମନୁଷ୍ୟ ଶରୀରର ବିଭିନ୍ନ ଅଂଶର ଚିତ୍ର ସଂଗ୍ରହ କରିବେ । ● ଛତାର ଚିତ୍ର ଅଙ୍କନ କରିବେ । |

| ମାସ/ସ.କା.ଦି | ପାଠ୍ୟ ପ୍ରସ୍ତାବନା | ଶିକ୍ଷଣ ସାମଗ୍ରୀ | ପ୍ରକଳ୍ପ କାର୍ଯ୍ୟ |
|---|---|---|---|
| ନଭେମ୍ବର – ୨୧ | ବିଭିନ୍ନ ସ୍ୱାଦଯୁକ୍ତ ଖାଦ୍ୟ ଜାଣିବେ । ଜିଭର କାର୍ଯ୍ୟ ବୁଝିବେ । ବିଭିନ୍ନ ବାଦ୍ୟଯନ୍ତ୍ର ବିଷୟରେ ଜାଣିବେ । ଭୂମିରୂପ ସମ୍ବନ୍ଧରେ ଜାଣିବେ । | – ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ଚିତ୍ର ।<br>– ନଈ, ପାହାଡ଼, ବିଲ, ବନ ଇତ୍ୟାଦିର ଚିତ୍ର । | ● ଫୁଲ ଚିତ୍ର କରିବେ ଓ ରଙ୍ଗ ଦେବେ । ଗଛର ଚିତ୍ର କରିବେ । |
| ଡିସେମ୍ବର – ୧୯ | ବିଭିନ୍ନ ପ୍ରକାର ବୃକ୍ଷଲତା ଚିହ୍ନିବେ । କେଉଁଥିରୁ କ'ଣ ହୁଏ । ପଶୁପକ୍ଷୀଙ୍କର ଘର । ଆଗ, ପଛ, ମଝି, ପୂର୍ବ-ପରର ଧାରଣା । | – କାଠ ବାଉଁଶରେ ତିଆରି ଜିନିଷ ।<br>– ବୃକ୍ଷଲତାମାନଙ୍କର ଚିତ୍ର । | |
| ଜାନୁଆରୀ – ୨୧ | ବର୍ଷାଋତୁର ପୋଷାକ । ରଙ୍ଗ ଭରିବା, ଜିଭର କାର୍ଯ୍ୟ, ପର୍ବପର୍ବାଣି, ପୂଜା ସାମଗ୍ରୀ, ବାଦ୍ୟଯନ୍ତ୍ର, ଗୃହପାଳିତ ପଶୁପକ୍ଷୀ, ବଣର ଜୀବଜନ୍ତୁ, ବିଭିନ୍ନ ପଶୁପକ୍ଷୀ, କୀଟ ପତଙ୍ଗ ଚିହ୍ନିବେ । ପୂର୍ବ ପାଠର ଆଲୋଚନା ।<br>ବୃକ୍ଷଲତା ଚିହ୍ନିବେ । କିଏ କେଉଁଠାରେ ରହେ, କୃଷି କାର୍ଯ୍ୟ ଓ କୃଷି ଉପକରଣ, ବିଭିନ୍ନ ପ୍ରକାର ଚେରମୂଳି, ଔଷଧ ବିଷୟରେ ଜାଣିବେ । | – ବର୍ଷା ଋତୁର ଚିତ୍ର ।<br>– ପର୍ବପର୍ବାଣିର ଚିତ୍ର ।<br>– କାର୍ଯ୍ୟ ଫର୍ଦ୍ଦ ।<br>– ବିଭିନ୍ନ କୃଷି ଉପକରଣର ଚିତ୍ର ।<br>– କାର୍ଯ୍ୟ ଫର୍ଦ୍ଦ । | ● ଖଟା, ମିଠା, ପିତା ଇତ୍ୟାଦି ପଦାର୍ଥର ତାଲିକା କରି, ସଂଗ୍ରହ କରିବେ ।<br>● ଔଷଧୀୟ ବୃକ୍ଷର ତାଲିକା କରିବେ । |
| ଫେବୃୟାରୀ – ୨୨ | ଶରୀର ସଫା ସୁତୁରା କରିବା ଅଭ୍ୟାସ, ଅଙ୍ଗପ୍ରତ୍ୟଙ୍ଗର ଯତ୍ନ ନ ନେଲେ କ'ଣ ଅସୁବିଧା ହୁଏ ? ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କ ଗହଣରେ ରହି ବ୍ୟବହାର ଜାଣିବେ । | – ପରିବାରର ଛବି ।<br>– କାର୍ଯ୍ୟ ଫର୍ଦ୍ଦ ।<br>– ଅଙ୍ଗପ୍ରତ୍ୟଙ୍ଗର ଛବି । | ● ଦୈନନ୍ଦିନର ନିତ୍ୟକର୍ମ ସଂପର୍କରେ କହିବେ । |
| ମାର୍ଚ୍ଚ | ପୁନରାଲୋଚନା ଓ ବାର୍ଷିକ ପରୀକ୍ଷା । | | |

## ପ୍ରଥମ ଶ୍ରେଣୀ | ଚିତ୍ରାଙ୍କନ

| ମାସ | ସମ୍ଭାବ୍ୟ କାର୍ଯ୍ୟ ଦିବସ | ପାଠ୍ୟପ୍ରସ୍ତାବନା |
|---|---|---|
| | | ରେଖାର ଅଙ୍କନ, ରେଖା ସାହାଯ୍ୟରେ ବିଭିନ୍ନ ଆକାରର ଚିତ୍ର ଅଙ୍କନ ।<br> |
| [illegible] | [illegible] | |
| ଜୁନ | ୧୮ | ଅଣ୍ଡା, ପେଣ୍ଡୁ |
| ଜୁଲାଇ | ୨୪ | କମଳା, ଶିଡ଼ି, ଚାମଚ |
| ଅଗଷ୍ଟ | ୨୫ | ଜାତୀୟ ପତାକା, କଳାପଟା, ରୁଟି, ନଡିଆଗଛ |
| ସେପ୍ଟେମ୍ବର | ୨୨ | ପେନ୍‌ସିଲ, କଲମ, ବେଲୁନ୍ |
| ଅକ୍ଟୋବର | ୧୫ | ମନ୍ଦାର ଫୁଲ, ଟଗର ଫୁଲ |
| ନଭେମ୍ବର | ୨୧ | ଗ୍ଲାସ, କପ୍, ମଗ |
| ଡିସେମ୍ବର | ୧୯ | ମାଠିଆ, ଗୁଡ଼ି |
| ଜାନୁଆରୀ | ୨୧ | କଖାରୁ, ଛତା, ବାଇଗଣ |
| ଫେବୃୟାରୀ | ୨୨ | ପଇଡ଼, ସୁରେଇ |
| ମାର୍ଚ୍ଚ | ବାର୍ଷିକ ପରୀକ୍ଷା । | |